କେ. ଏଲ. ନନ୍ଦକୁମାରନ ନାୟର

ବନାମ

କେ. ଆଇ. ଫିଲିପ ଏବଂ ଅନ୍ୟମାନେ

10 ସେପ୍ଟେମ୍ବର, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଦୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ବିଷୟ:*

*କୌଶଳ ପରୀକ୍ଷଣ କରିବା ପରେ ବିଦ୍ୟୁତ କର୍ମଚାରୀ (HS) ଙ୍କ ଚୟନ – ଅପିଲକାରୀ ସର୍ବନିମ୍ନ ଯୋଗ୍ୟ ଅଙ୍କ ହାସଲ କରିଛନ୍ତି - ବିଦ୍ୟୁତ୍ କର୍ମଚାରୀ (HS) ଭାବେ ପଦୋନ୍ନତି ପାଇଛନ୍ତି - ଚୟନକୁ ଆପତ୍ତି କରି O.A. ଦାଖଲ କରାଯାଇଛି - ଖାରଜ କରାଯାଇଥିଲା - ଏହି ଆଦେଶ ବିରୋଧରେ ଅପିଲ କିମ୍ବା ସମୀକ୍ଷା ଆବେଦନକୁ ଉତ୍ତରଦାତାମାନେ ଗ୍ରହଣ କରିନାହାଁନ୍ତି, କିନ୍ତୁ ଉକ୍ତ ଚୟନକୁ ଆପତ୍ତି କରି ଅନ୍ୟ ଏକ O.A. ଗ୍ରହଣ କରିଛନ୍ତି -ମୁଖ୍ୟ ଯନ୍ତ୍ରୀଙ୍କୁ ଉତ୍ତରଦାତାମାନଙ୍କ ଆବେଦନର ସମାଧାନ କରିବାକୁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ନିର୍ଦ୍ଦେଶ ଦେଇଛନ୍ତି - ଆବେଦନକୁ ଖାରଜ କରିଥିବା ମୁଖ୍ୟ ଯନ୍ତ୍ରୀଙ୍କ ଆଦେଶ ବିରୁଦ୍ଧରେ ଅନ୍ୟ ଏକ O.A. ଦାଖଲ କରାଯାଇଛି - ନିର୍ଣ୍ଣୟ କରାଯାଇଥିଲା, ସାରଣୀୟନ/ମୂଲ୍ୟାଙ୍କନ ଫର୍ଦ୍ଦ ଗୁଡ଼ିକ ନଷ୍ଟ କରାଯାଇଛି ଏବଂ ନ୍ୟାୟାଧିକରଣକୁ ଉପଲବ୍ଧ କରାଯାଇ ନାହିଁ -ନୂତନ ଚୟନ ନିର୍ଦ୍ଦେଶ କରାଯାଇଥିଲା - ସମୀକ୍ଷାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା – ଅପିଲ ଉପରେ ନିର୍ଣ୍ଣୟ କରାଯାଇଥିଲା, ଚୟନ କମିଟିର ସତ୍ୟପାଠକୁ ଅଣଦେଖା କରି ନ୍ୟାୟାଧିକରଣ ଭୁଲ କରିଥିଲେ ଯେ କେବଳ ସାରଣୀୟନ ଫର୍ଦ୍ଦରେ ପ୍ରବେଶ କରାଯିବା ପରେ ଟିପ୍ପଣୀ ଫର୍ଦ୍ଦ ନଷ୍ଟ କରାଯାଇଥିଲା - ଯୁକ୍ତିକୁ ମଧ୍ୟ ଅଣଦେଖା କରାଯାଇଥିଲା - ମାମଲା ସମାପ୍ତ କରିବାକୁ ଉପଲବ୍ଧ ବିବୃତ୍ତିଗୁଡ଼ିକ ଯଥେଷ୍ଟ - ବହୁତ ଯତ୍ନ ନେବା ଉଚିତ୍ ଥିଲା*

**କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ବିଦ୍ୟୁତ୍ କର୍ମଚାରୀ (HS) ଭାବରେ ଅପିଲକାରୀଙ୍କ ଚୟନକୁ ଉତ୍ତରଦାତାମାନେ ଆପତ୍ତି କରିଥିଲେ ଏବଂ O.A. କୁ ଏହି ଆଧାରରେ ନ୍ୟାୟାଧିକରଣ ଖାରଜ କରିଦେଇଥିଲେ ଯେ ସେମାନେ ଯୋଗ୍ୟତା ନିର୍ଣ୍ଣାୟକ ସର୍ବନିମ୍ନ ଅଙ୍କ ହାସଲ କରିନାହାଁନ୍ତି ।**

**ଏହି ଆଦେଶ ବିରୁଦ୍ଧରେ ଅପିଲ କିମ୍ବା ସମୀକ୍ଷା ଆବେଦନକୁ ଉତ୍ତରଦାତାମାନେ ଗ୍ରହଣ କରିନଥିଲେ କିନ୍ତୁ ଅନ୍ୟ ଏକ O.A. ଦାଖଲ କରିଥିଲେ ଯାହା ଉତ୍ତରଦାତାମାନଙ୍କ ଆବେଦନର ଫଏସଲା କରିବାର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ସହିତ ସମାଧାନ କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀଙ୍କ**

**ଦ୍ୱାରା ଆବେଦନକୁ ଖାରଜ କରାଯାଇଥିଲା ଯାହା ଉପରେ ଅନ୍ୟ ଏକ O.A. ଦାଖଲ କରାଯାଇଥିଲା ଯେଉଁଥିରେ ପ୍ରସଙ୍ଗ ଏହା ଥିଲା ଯେ ଉତ୍ତରଦାତାମାନଙ୍କ ପାଇଁ କୌଶଳ ପରୀକ୍ଷା କରାଯାଇନଥିଲା । ଯେହେତୁ ସାରଣୀୟନ ଫର୍ଦ୍ଦ/ମୂଲ୍ୟାଙ୍କନ ଫର୍ଦ୍ଦଗୁଡ଼ିକ ନଷ୍ଟ ହୋଇଯାଇଥିଲା ଏବଂ ନ୍ୟାୟାଧିକରଣକୁ ଉପଲବ୍ଧ କରାଯାଇନଥିଲା, ନୂତନ ଚୟନ ପାଇଁ ନ୍ୟାୟାଧିକରଣ ନିର୍ଦ୍ଦେଶ ଦେଇଥିଲେ । ତେବେ, ଏହାର ପୂର୍ବ ଆଦେଶ ବିଷୟରେ କୌଣସି ଉଲ୍ଲେଖ କରାଯାଇ ନଥିଲା । ଉକ୍ତ ଆଦେଶ ବିରୁଦ୍ଧରେ ଦାଖଲ ହୋଇଥିବା ସମୀକ୍ଷା ଆବେଦନକୁ ଖାରଜ କରିଦିଆଯାଇଥିଲା । ତେଣୁ ଏହି ଅପିଲଗୁଡ଼ିକ ବିଦ୍ୟମାନ ।**

**ଅପିଲଗୁଡ଼ିକୁ ମଞ୍ଜୁର ପ୍ରଦାନ କରି, ନ୍ୟାୟାଳୟ**

**ନିର୍ଣ୍ଣୟ କରିଥିଲେ: ରାୟ ସମୟରେ ନ୍ୟାୟାଧିକରଣର ଅନ୍ୟ ଏକ ବିଚାରପୀଠ ଦ୍ୱାରା ଲିପିବଦ୍ଧ ହୋଇଥିବା ତଥ୍ୟଗୁଡ଼ିକ ଉପରେ ନ୍ୟାୟାଧିକରଣ ବିଚାର କରିବା ଉଚିତ୍ ଥିଲା, ଯେଉଁଥିରେ ନ୍ୟାୟାଧିକରଣ ଦ୍ୱାରା ଚୟନ ଏବଂ ମୂଲ୍ୟାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା ।**

**ଅଧିକନ୍ତୁ, ଚୟନ କମିଟିର ସତ୍ୟପାଠ ମଧ୍ୟ ବିବୃତ୍ତିରେ ଉପଲବ୍ଧ ଥିଲା ଯେଉଁଥିରେ ଘୋଷଣା କରାଯାଇଥିଲା ଯେ କାର୍ଯ୍ୟ ବିବରଣୀ ଏବଂ ସାରଣୀୟନ ଫର୍ଦ୍ଦଗୁଡିକରେ ଲିଖନ କରାଯିବାର ତୁରନ୍ତ ପରେ ଟିପ୍ପଣୀ ଫର୍ଦ୍ଦଗୁଡ଼ିକୁ ନଷ୍ଟ କରାଯାଇଥିଲା, କିନ୍ତୁ ଉକ୍ତ ଦସ୍ତାବିଜ ଏହା ପ୍ରକାଶ କରେ ନାହିଁ ଯେ ସାରଣୀୟନ ଫର୍ଦ୍ଦ କିମ୍ବା ମୂଲ୍ୟାଙ୍କନ ଫର୍ଦ୍ଦଗୁଡ଼ିକୁ ନଷ୍ଟ କରାଯାଇଥିଲା ଏବଂ ମାମଲା ସମାପ୍ତ କରିବାକୁ ଉପଲବ୍ଧ ବିବୃତ୍ତିଗୁଡ଼ିକ ଯଥେଷ୍ଟ ଥିଲା । ଏହି ପ୍ରସଙ୍ଗଗୁଡ଼ିକରେ, ଯେଉଁଥିରେ ଅନେକ କର୍ମଚାରୀଙ୍କ ସ୍ୱାର୍ଥ ଜଡିତ ଥିଲା, ନ୍ୟାୟାଧିକରଣକୁ ଅତ୍ୟନ୍ତ ଯତ୍ନଶୀଳ ହେବା ଉଚିତ୍ ଥିଲା ଏବଂ ଯେତେବେଳେ ମୂଲ୍ୟାଙ୍କନ ପତ୍ର ଏବଂ ସାରଣୀୟନ ଫର୍ଦ୍ଦଗୁଡ଼ିକ ଉପଲବ୍ଧ ଥିଲା ବୋଲି ପାଲଟା ସତ୍ୟପାଠରେ ଦର୍ଶାଯାଇଥିଲା ସେତେବେଳେ ସମୀକ୍ଷାକୁ ଅନୁମତି ଦେବା ଉଚିତ୍ ଥିଲା । ତେବେ, ଯୁକ୍ତିଗୁଡିକ ଏବଂ ଉପଲବ୍ଧ ସାମଗ୍ରୀକୁ ନ୍ୟାୟାଧିକରଣ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଥିଲେ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 5340/1997 ।

O.A. ସଂଖ୍ୟା 418/1994 ରେ R.A. ସଂଖ୍ୟା 17/95ରେ କେରଳର ଏର୍ଣ୍ଣାକୁଲମସ୍ଥିତ କେନ୍ଦ୍ରୀୟ ପ୍ରଶାସନ ନ୍ୟାୟାଧିକରଣର 8.8.96 ତାରିଖର ରାୟ ଏବଂ ଆଦେଶରୁ ।

ସହିତ

C.A. ସଂଖ୍ୟା 5341/1997 ।

ଅପିଲକାରୀଙ୍କ ପକ୍ଷରୁ କେ. ସୁକୁମାରନ୍, ସୁଶ୍ରୀ ବେବି କ୍ରିଷ୍ଣନ, ସୁଶ୍ରୀ କାର୍ତ୍ତିକା ଏସ୍. ଏବଂ ଏନ୍. ଆର୍. ଶଙ୍କର ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏମ୍. ଏନ୍. କୃଷ୍ଣମଣି, ସୁଶ୍ରୀ କିରଣ ଭରଦ୍ୱାଜ, କେ. ମିଶ୍ର, ଏମ୍. ଟି. ଜର୍ଜ ଏବଂ ଟି. ଜି. ନାରାୟଣନ ନାୟର ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା । କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଏର୍ଣ୍ଣାକୁଲମ ବିଚାରପୀଠରେ (ଏହା ପରେ 'ନ୍ୟାୟାଧିକରଣ' ଭାବରେ ଉଲ୍ଲିଖିତ) ଦାଖଲ ହୋଇଥିବା O.A. ସଂଖ୍ୟା 418/94 ରେ କେତେକ କାର୍ଯ୍ୟାନୁଷ୍ଠାନରୁ ଏହି ଅପିଲଗୁଡିକ ଉତ୍ଥାପିତ ହୋଇଛି । ଉତ୍ତରଦାତା ସଂଖ୍ୟା 1 ରୁ 4, ଯିଏ ବିଦ୍ୟୁତ କର୍ମଚାରୀ (HS), ଗ୍ରେଡ୍ II ଭାବରେ କାର୍ଯ୍ୟ କରୁଥିଲେ, O.A. ସଂଖ୍ୟା 771/93 ଦ୍ୱାରା ବିଦ୍ୟୁତ କର୍ମଚାରୀ (HS) ଭାବରେ ଅପିଲକାରୀମାନଙ୍କ ଚୟନକୁ ଆପତ୍ତି କରିଥିଲେ । ଚୟନ ଏବଂ ମୂଲ୍ୟାଙ୍କନ ପତ୍ରର ବିବୃତ୍ତିକୁ ଅନୁଧ୍ୟାନ କରିବା ପରେ ନ୍ୟାୟାଧିକରଣର ଏକ ଖଣ୍ଡପୀଠ ଜାଣିବାକୁ ପାଇଲେ ଯେ ମୋଟ 100 ଅଙ୍କ ମଧ୍ୟରୁ ଲିଖିତ ପରୀକ୍ଷା ପାଇଁ 35 ଅଙ୍କ, ପ୍ରାକ୍ଟିକାଲ ପରୀକ୍ଷା ପାଇଁ 40 ଅଙ୍କ ଏବଂ *ମୌଖିକ* ପରୀକ୍ଷା ପାଇଁ 25 ଅଙ୍କ ପ୍ରଦାନ କରାଯାଇଛି । ସମସ୍ତ ଆବେଦନକାରୀ ସାଧାରଣ ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ନିର୍ଣ୍ଣାୟକ ସର୍ବନିମ୍ନ 50 ପ୍ରତିଶତ ଏବଂ ଅନୁସୂଚିତ ଜାତି/ଜନଜାତି ପ୍ରାର୍ଥୀଙ୍କ ପାଇଁ 40 ପ୍ରତିଶତ ଅଙ୍କ ହାସଲ କରିନଥିଲେ । ସେମାନଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ, ଅପିଲକାରୀମାନଙ୍କୁ ଉଚ୍ଚ ଶ୍ରେଣୀକୁ ପଦୋନ୍ନତି ଦିଆଯାଇଛି, ଯାହା ଏକ ଚୟନ ସୋପାନ ଅଟେ, ଏବଂ ଉତ୍ତରଦାତା ସଂଖ୍ୟା 1 ରୁ 4 ଙ୍କର ଆବେଦନକୁ ଖାରଜ କରାଯାଇଛି । ପରବର୍ତ୍ତୀ ସମୟରେ ନ୍ୟାୟାଧିକରଣରେ ଉତ୍ତରଦାତା ସଂଖ୍ୟା 1 ରୁ 4 ଙ୍କ ଦ୍ୱାରା O.A. ସଂଖ୍ୟା 1308/93 ରେ ଅନ୍ୟ ଏକ ଆବେଦନ ଦାଖଲ କରାଯାଇଥିଲା ଯେଉଁଥିରେ ଏହି ଚୟନକୁ ଆପତ୍ତି କରାଯାଇଥିଲା ଯାହା ଉକ୍ତ ଆଦେଶକୁ ସମୀକ୍ଷା ନକରି କିମ୍ବା ସାଧାରଣ ପ୍ରକ୍ରିୟାରେ ଏହି ନ୍ୟାୟାଳୟରେ ଆବେଦନକୁ ଗ୍ରହଣ ନକରି O. A. ସଂଖ୍ୟା 771/93ରେ ବଜାୟ ରଖାଯାଇଥିଲା । ତେବେ, ମୁଖ୍ୟ ଯନ୍ତ୍ରୀଙ୍କ ନିକଟରେ କରାଯିବାକୁ ଥିବା ଆବେଦନର ଫଏସଲା ପାଇଁ ଏକ ନିର୍ଦ୍ଦେଶ ସହିତ O.A. ସଂଖ୍ୟା 1308/93 ରେ ନୂତନ ଆବେଦନଟିକୁ ସମାଧାନ କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀ ଉକ୍ତ ଆବେଦନକୁ ଖାରଜ କରିଥିଲେ ଯାହା ଆଧାରରେ O.A. ସଂଖ୍ୟା 418/94 ଦାଖଲ କରାଯାଇଥିଲା । ତୃତୀୟ ଥର ସମାନ ଆବେଦନକାରୀମାନଙ୍କ ସମୂହର ଅନୁରୋଧକ୍ରମେ ନ୍ୟାୟାଧିକରଣ ଏହି ମାମଲାର ଯାଞ୍ଚ କରିଥିଲେ ଏବଂ ଶେଷରେ O.A. ସଂଖ୍ୟା 771/93 ରେ

ମାମଲାର ସମାଧାନ ବିଷୟରେ କୌଣସି ଉଲ୍ଲେଖ ବିନା, O.A. ସଂଖ୍ୟା 1308/93 ରେ ଥିବା ନିର୍ଦ୍ଦେଶ ବିଷୟରେ ସୂଚନା ଦେଇଥିଲେ । ଏହା ଆଶ୍ଚର୍ଯ୍ୟଜନକ ଯେ ନ୍ୟାୟାଧିକରଣ ଦ୍ୱାରା ସେହି ପନ୍ଥା ଗ୍ରହଣ କରାଯାଇଥିଲା । ଆହୁରି ମଧ୍ୟ ନ୍ୟାୟାଧିକରଣରେ ବିବାଦ ଥିଲା ଯେ ଅପିଲକାରୀମାନଙ୍କ ସମ୍ବନ୍ଧରେ କୌଶଳ ପରୀକ୍ଷଣ କରାଯାଇ ନାହିଁ । ନ୍ୟାୟାଧିକରଣ ଏହା ଦର୍ଶାଇବାକୁ ଆଗେଇଥିଲେ ଯେ ସାରଣୀୟନ ଫର୍ଦ୍ଦ କିମ୍ବା ମୂଲ୍ୟାଙ୍କନ ଫର୍ଦ୍ଦଗୁଡ଼ିକ ନଷ୍ଟ କରାଯାଇଛି ଏବଂ ନ୍ୟାୟାଧିକରଣକୁ ଉପଲବ୍ଧ କରାଯାଇ ନାହିଁ ଏବଂ ସେହି ଆଧାରରେ ଏକ ନୂତନ ଚୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଏହା ବିରୋଧରେ ଦାଖଲ ହୋଇଥିବା ସମୀକ୍ଷା ଆବେଦନ ବିଫଳ ହେବା ପରେ, ଏହି ଅପିଲଗୁଡିକ ବିଶେଷ ଅନୁମତି ଦ୍ୱାରା ଦାଖଲ କରାଯାଇଛି ।

O. A. ସଂଖ୍ୟା 771/93 ର ସମାଧାନ କରିବା ସମୟରେ ନ୍ୟାୟାଧିକରଣ ଦ୍ୱାରା ଚୟନ ଏବଂ ମୂଲ୍ୟାଙ୍କନ ପତ୍ରର ବିବୃତ୍ତି ଯାଞ୍ଚ କରାଯାଇଛି, ଯାହା ନ୍ୟାୟାଧିକରଣର ଅନ୍ୟ ଏକ ବିଚାରପୀଠ ଦ୍ୱାରା ଏହାର ରାୟ ପ୍ରଦାନ ସମୟରେ ଲିପିବଦ୍ଧ କରାଯାଇଥିବା ଏକ ତଥ୍ୟ ଅଟେ । ଏହି ମାମଲାକୁ ପୁନର୍ବାର ଯାଞ୍ଚ କରିବା ସମୟରେ ନ୍ୟାୟାଧିକରଣକୁ ମାମଲାର ଏହି ଦିଗକୁ ଗୁରୁତ୍ୱ ଦେବା ଉଚିତ୍ ଥିଲା । ଜଣେ ଏସ୍. କେ. ସାଙ୍ଗାରୀଙ୍କ, ଯିଏ ଶ୍ରୀଯୁକ୍ତ ଏ. କେ. ଆୟାପ୍ପାନ ଏବଂ ଏ. ଡବ୍ଲ୍ୟୁ. ଖେଡକରଙ୍କ ସହ ଚୟନ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠରେ, O.A. ସଂଖ୍ୟା 1308/93 ରେ ଦାଖଲ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଛି ଯେ ନ୍ୟାୟାଧିକରଣର ଦ୍ୱାରସ୍ଥ ହୋଇଥିବା ଆବେଦନକାରୀମାନଙ୍କର କୌଶଳ ପରୀକ୍ଷା ହୋଇଥିଲା ଏବଂ ପ୍ରାର୍ଥୀଙ୍କ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଅବଧି ସେମାନଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାକ୍ଟିକାଲ ପରୀକ୍ଷା ଅଲଗା ଥିଲା ଏବଂ ବିଦ୍ୟୁତ୍ କର୍ମଚାରୀ ଶ୍ରେଣୀ HS II ଭାବରେ ତାଙ୍କର ଜ୍ଞାନ ଉପରେ ନିର୍ଭର କରୁଥିଲା । ମଣ୍ଡଳୀର ସଦସ୍ୟମାନଙ୍କ ଦ୍ୱାରା ଟିପ୍ପଣୀ ପ୍ରସ୍ତୁତ କରାଯାଇଥିଲା ଏବଂ ସେମାନଙ୍କ ଦ୍ୱାରା ରଖାଯାଇଥିବା ଟିପ୍ପଣୀ ଫର୍ଦ୍ଦରେ ପୃଥକ ଭାବରେ ଅଙ୍କ ପ୍ରଦାନ କରାଯାଇଥିଲା ଏବଂ କାର୍ଯ୍ୟ ବିବରଣୀ ଏବଂ ସାରଣୀୟନ ଫର୍ଦ୍ଦରେ ଅଙ୍କ ପ୍ରବେଶ କରାଯିବା ପରେ ତୁରନ୍ତ ଏହିପରି ଟିପ୍ପଣୀ ଫର୍ଦ୍ଦଗୁଡ଼ିକୁ ନଷ୍ଟ କରିଦିଆଯାଇଥିଲା । ସାରଣୀୟନ ଫର୍ଦ୍ଦ କିମ୍ବା ମୂଲ୍ୟାଙ୍କନ ଫର୍ଦ୍ଦଗୁଡ଼ିକ ନଷ୍ଟ କରାଯାଇଛି ବୋଲି ଏହି ଦସ୍ତାବିଜ ପ୍ରକାଶ କରେ ନାହିଁ । ଉତ୍ତରଦାତାଙ୍କ ପକ୍ଷର ବିଜ୍ଞ ଅଧିବକ୍ତାଙ୍କ ଦାଖଲକୁ ମଧ୍ୟ ନ୍ୟାୟାଧିକରଣ କୌଣସି ଗୁରୁତ୍ୱ ଦେଇନଥିଲେ ଯେ ବିବୃତ୍ତିଗୁଡ଼ିକ ଉପଲବ୍ଧ ଅଟେ ଏବଂ ଅନ୍ୟ ପକ୍ଷରେ ନ୍ୟାୟାଧିକରଣ ସେହି ବିବୃତ୍ତିଗୁଡିକ କ'ଣ ତାହା ଜାଣିବା ପାଇଁ ଏହା ଲକ୍ଷ୍ୟ କରିବା ଉଚିତ୍

ଥିଲା ଯେ ମାମଲାର ଉପସଂହାରରେ ପହଞ୍ଚିବା ପାଇଁ ଏବଂ ତାହାର ନିଷ୍କର୍ଷ ପ୍ରଦାନ କରିବାକୁ ସେହି ବିବୃତ୍ତିଗୁଡିକ ଏକ କିମ୍ବା ଅନ୍ୟ ଉପାୟରେ ଯଥେଷ୍ଟ କି । ଏହି ପନ୍ଥା ଗ୍ରହଣ କରିବା ପରିବର୍ତ୍ତେ ନ୍ୟାୟାଧିକରଣ କେବଳ ସେହି ଦାଖଲକୁ 'ଦୁର୍ବଳ ପ୍ରୟାସ' ଭାବରେ ଉପେକ୍ଷିତ କରିଥିଲେ । ଯେଉଁ କ୍ଷେତ୍ରରେ ଅନେକ କର୍ମଚାରୀଙ୍କ ସ୍ୱାର୍ଥ ଜଡ଼ିତ, ଚୟନ ପ୍ରକ୍ରିୟା ହୋଇଛି, ଏଭଳି ପ୍ରସଙ୍ଗରେ ନିଷ୍ପତ୍ତି ନେବାରେ ବିଶେଷ କରି ଚୟନ କମିଟି ଦ୍ୱାରା ରଖାଯାଇଥିବା ବିବୃତ୍ତି ଯାଞ୍ଚ କରିବାରେ ନ୍ୟାୟାଧିକରଣଙ୍କୁ ବହୁତ ଯତ୍ନ ନେବା ଉଚିତ୍ ଥିଲା । ବାସ୍ତବତା ହେଉଛି ଯେ ପୂର୍ବରୁ ନ୍ୟାୟାଧିକରଣଙ୍କୁ ବିବୃତ୍ତି ଉପଲବ୍ଧ କରାଯାଇଥିଲା ଏବଂ ସାରଣୀୟନ କିମ୍ବା ମୂଲ୍ୟାଙ୍କନ ଫର୍ଦ୍ଦ ଉପଲବ୍ଧ ଥିଲା ଏବଂ କେବଳ ଟିପ୍ପଣୀକୁ ନଷ୍ଟ କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ନ୍ୟାୟାଧିକରଣର ଦୃଷ୍ଟିକୁ ଅଣାଯାଇଥିଲା, ଏହାକୁ କୌଣସି ଗୁରୁତ୍ୱ ନଦେଇ ନ୍ୟାୟାଧିକରଣ ମାମଲାର ସମାଧାନ କରିପାରିନଥାନ୍ତା ଯେପରିକି ଏହା କରିଥିଲା ।

ଯାହା ହେଉନା କାହିଁକି, ଯେତେବେଳେ ମୂଲ୍ୟାଙ୍କନ ଏବଂ ସାରଣୀୟନ ଫର୍ଦ୍ଦଗୁଡ଼ିକ ଉପଲବ୍ଧ ଅଛି ବୋଲି ଦର୍ଶାଯାଇଥିଲା ନ୍ୟାୟାଧିକରଣ ପକ୍ଷେ ଏହି ସମୀକ୍ଷାକୁ ଅନୁମତି ଦେବା ଉଚିତ୍ ଥିଲା ଏବଂ ପ୍ରତ୍ୟୁତ୍ତର ଶପଥ ପତ୍ରରେ ଏହି ସମ୍ବନ୍ଧରେ ଏକ ବିବୃତ୍ତି ପୂର୍ବରୁ ଦିଆଯାଇ ସାରିଛି । O.A. ସଂଖ୍ୟା 1308/93 ର ସମାଧାନ କରିବା ସମୟରେ ନ୍ୟାୟାଧିକରଣ ଦ୍ୱାରା ପ୍ରଦତ୍ତ ଆଦେଶ ହିଁ ଏହି ସମସ୍ୟାର ଉତ୍ପତ୍ତି ବୋଲି ପ୍ରତୀତ ହୁଏ । ଏସ. କେ. ସାଙ୍ଗାରୀଙ୍କ ସତ୍ୟପାଠରେ ଯାହା ଆମେ ପୂର୍ବରୁ ଉଲ୍ଲେଖ କରିଛୁ, ଏହା ଦର୍ଶାଯାଇଛି ଯେ ପ୍ରାକ୍ଟିକାଲ୍ ପରୀକ୍ଷା ସମୟରେ ପ୍ରସ୍ତୁତ ହୋଇଥିବା ଟିପ୍ପଣୀଗୁଡ଼ିକ ସାରଣୀୟନ ଫର୍ଦ୍ଦର ବିବରଣୀରେ ପ୍ରବେଶ କରାଯିବା ପରେ ତୁରନ୍ତ ନଷ୍ଟ କରାଯାଇଥିଲା, କିନ୍ତୁ ନ୍ୟାୟାଧିକରଣ ଅନୁଭବ କରିଥିଲେ ଯେ ସମଗ୍ର ବିବୃତ୍ତିକୁ ନଷ୍ଟ କରାଯାଇଥିଲା ଯଦିଓ ଏହା ହୋଇନାହିଁ । ଯାହା ନଷ୍ଟ କରାଯାଇଥିଲା ତାହା କେବଳ ଟିପ୍ପଣୀ ଥିଲା ଏବଂ କାର୍ଯ୍ୟ ବିବରଣୀ ଏବଂ ସାରଣୀୟନ ଫର୍ଦ୍ଦରେ କରାଯାଇଥିବା ପ୍ରବେଶ ନୁହେଁ, ଯାହା ପ୍ରତ୍ୟେକ ପ୍ରାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ଆବଶ୍ୟକ ଅଙ୍କକୁ ସୂଚିତ କରିବ । ପ୍ରତ୍ୟୁତ୍ତର ସତ୍ୟ ପାଠରେ ଯେଉଁ ତଥ୍ୟଗୁଡିକ ପ୍ରମାଣିତ ହୋଇଥିଲା, ଯେତେବେଳେ ଏହି ତଥ୍ୟଗୁଡିକ ନ୍ୟାୟାଧିକରଣର ଦୃଷ୍ଟିକୁ ଅଣାଯାଇଥିଲା, ସେମାନଙ୍କ ତରଫରୁ ପୂର୍ବରୁ ଉଲ୍ଲେଖ କରାଯାଇ ନଥିବା କୌଣସି ନୂତନ ପ୍ରମାଣ ଉପସ୍ଥାପନ କରିବାକୁ କୌଣସି ପୁନଃପ୍ରୟାସ କରାଯାଇ ନଥିଲା ଏବଂ ଏହା ଏପରି ଏକ ମାମଲା ଯେଉଁଠାରେ ନ୍ୟାୟାଧିକରଣ ଆବେଦନକୁ ଏବଂ ଉପଲବ୍ଧ ସାମଗ୍ରୀକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ । ଏହି ପରିସ୍ଥିତିରେ, ସମୀକ୍ଷାକୁ ଅନୁମତି ଦିଆଯିବା ଉଚିତ୍ ଥିଲା ।

ଏହି ମାମଲାକୁ ଦୃଷ୍ଟିରେ ରଖି, O.A. ସଂଖ୍ୟା 418/94 ରେ ଦ୍ଵାରା ଦିଆଯାଇଥିବା ପୂର୍ବ ଆଦେଶକୁ ରଦ୍ଦ କରି ଆମେ ଉଭୟ ସମୀକ୍ଷା ଆବେଦନ ଏବଂ ମୂଳ ଆବେଦନରେ ନ୍ୟାୟାଧିକରଣର ଆଦେଶକୁ ରଦ୍ଦ କରୁଛୁ । O.A. ସଂଖ୍ୟା 771/93 ରେ କରାଯାଇଥିବା ଆଦେଶକୁ ପୁନଃସ୍ଥାପନ କରାଯାଇଛି । ସେହି ଅନୁଯାୟୀ ଅପିଲକୁ ମଞ୍ଜୁର ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏସ୍. କେ. ଏସ୍. ଅପିଲଗୁଡ଼ିକୁ ମଞ୍ଜୁର ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ